



## ପୁରୀରେ ବର୍ଷା, ପବନ
# ତାତିରୁ ମିଳିଲା ସାମୟିକ ଆଶ୍ୱସ୍ତି




**ପୁରୀ,୨୭।୫(ସମିସ)**

କାଳବୈଶାଖୀ ପ୍ରଭାବରେ ପୁରୀରେ ବୁଧବାର ସନ୍ଧ୍ୟାରେ ହଠାତ୍ ପାଗରେ ପରିବର୍ତ୍ତନ ହୋଇଥିଲା। ଦିନତମାମ ପ୍ରବଳ ଖରା ହେଉଥିଲା। ସନ୍ଧ୍ୟା ପ୍ରାୟ ୭ଟା ୧୦ରେ ହାଲୁକା ପବନ ଆରମ୍ଭ ହୋଇଥିଲା। ଧୀରେ ଧୀରେ ପବନର ମାତ୍ରା ବଢ଼ିଥିଲା। ସାଢ଼େ ୭ଟା ବେଳକୁ ଆରମ୍ଭ ହୋଇଥିଲା ବର୍ଷା। ରାତି ୮ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ପବନ ହୋଇଥିଲା। ଏହାପରେ ବର୍ଷା ରାତି ୯ଟା ୧୫ ପର୍ଯ୍ୟନ୍ତ ଲାଗି ରହିଥିଲା। ଏହି ସମୟରେ ବିଜୁଳି ଓ ଘଡ଼ଘଡ଼ି ବି ହୋଇଥିଲା। ବଡ଼ଦାଣ୍ଡ ସମେତ ପ୍ରମୁଖ ରାସ୍ତାଘାଟରେ କିଛି ସମୟ ପାଇଁ ବର୍ଷା ପାଣି ଜମିଥିଲା। ରାତି ପ୍ରାୟ ସାଢ଼େ ୯ଟା ବେଳକୁ ବର୍ଷା ସମ୍ପୂର୍ଣ୍ଣ ଛାଡ଼ିଯିବା ପରେ ରାସ୍ତାଘାଟ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା। ତେବେ ଦୀର୍ଘଦିନ ଧରି ତାତିର ତାଉରେ ଛଟପଟ ହେଉଥିବା ପୁରୀବାସୀଙ୍କ ମୁହଁରେ ଦେଖିବାକୁ ମିଳିଥିଲା ଅସରାଏ ବର୍ଷାର ଖୁସି। କାରଣ ଦୀର୍ଘଦିନ ଧରି ଅସହ୍ୟ ଖରା ଓ ଝାଞ୍ଜି ପବନରେ ଛଟପଟ ହେଉଥିଲେ ପୁରୀବାସୀ। ସକାଳ ୮ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଥିଲା। ମଧ୍ୟାହ୍ନରେ ଦେହ ପୋଡ଼ିଲା ଭଳି ତାତି। ଘର ଭିତରେ ବି ନିସ୍ତାର ନ ଥିଲା। ତାତିର ତାଉରେ ଲୋକେ ତ୍ରାହି ତ୍ରାହି ଡାକୁଥିଲେ। ତେଣୁ ବୁଧବାର ସନ୍ଧ୍ୟାରେ ହୋଇଥିବା ବର୍ଷା ସମସ୍ତଙ୍କ ମନରେ ଆନନ୍ଦ ଆଣିଥିଲା।



**ପବନରେ ଚିରିଗଲା ମାନସିକ ବାନା**

ଅନ୍ୟପକ୍ଷରେ ପ୍ରବଳ ପବନ ଯୋଗୁଁ ଶ୍ରୀମନ୍ଦିର ନୀଳଚକ୍ରକୁ ସଂଲଗ୍ନ କରି ବନ୍ଧାଯାଇଥିବା ମାନସିକ ବାନାରୁ କିଛି ଚିରିଯାଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଭକ୍ତଙ୍କ ମହଲରେ ବିଭିନ୍ନ ପ୍ରକାର ଆଲୋଚନା ଓ ଚର୍ଚ୍ଚା ଜୋର୍ ଧରିଛି। ଅନେକ ଭକ୍ତ ଏହାକୁ ସାଧାରଣ ଘଟଣା ବୋଲି କହୁଥିବାବେଳେ କିଛି ଲୋକ ଶୁଭ କି ଅଶୁଭ ସଙ୍କେତ ଭାବେ ଦେଖୁଛନ୍ତି। ଗତ କିଛିଦିନ ହେବ ଶ୍ରୀମନ୍ଦିର ଉପରେ ଚିଲ ବସୁଥିବାବେଳେ ଏବେ ମାନସିକ ବାନାର କିଛି ଚିରିଯିବା ଆଲୋଚନାର ବିଷୟ ହୋଇଛି। ପ୍ରାକୃତିକ କାରଣରୁ ଏପରି ଘଟଣା ଘଟିଥାଏ ଏବଂ ଏହାକୁ ନେଇ ଅତିରଞ୍ଜିତ ଧାରଣା ସୃଷ୍ଟି କରିବା ଉଚିତ୍ ନୁହେଁ ବୋଲି ଗବେଷକ କହିଛନ୍ତି। ପ୍ରବଳ ପବନ ଯୋଗୁଁ ବାନା ଚିରିଯିବା ସ୍ୱାଭାବିକ ବୋଲି କୁହାଯାଉଛି।

## ରଥଖଳାରୁ...
# ପାଞ୍ଚଦଣ୍ଡା ଚଉପଟ କାର୍ଯ୍ୟ ସରିଲା

**ପୁରୀ,୨୭।୫(ସମିସ):** ଆଗକୁ ରଥଯାତ୍ରା। ଏଥିପାଇଁ ବେଶ୍ ଚଳଚଞ୍ଚଳ ହୋଇଉଠିଛି ରଥଖଳା। ବୁଧବାର ମୁଖ୍ୟ ମହାରଣାଙ୍କ ତଦାରଖରେ ଶେଷ ହୋଇଛି ତିନିରଥର ପାଞ୍ଚଦଣ୍ଡା ଚଉପଟ କାର୍ଯ୍ୟ। ଏଥିସହ ଦଣ୍ଡାଗୁଡ଼ିକର ଉଭୟ ପାର୍ଶ୍ୱର ସାଲ କାର୍ଯ୍ୟ ମଧ୍ୟ ସରିଛି। ଗୁରୁବାର ଦଣ୍ଡା ଫ୍ରେମ୍ ପ୍ରସ୍ତୁତି ପାଇଁ ପାଞ୍ଚଦଣ୍ଡାର ଉଭୟ ପାର୍ଶ୍ୱରେ ସଂଯୋଗ ହେବ ମୁହାଁଟ। ତିନିରଥର ଏହି ୨୦ ଫୁଟିଆ ମୁହାଁଟର ନିର୍ମାଣ କାର୍ଯ୍ୟ ଶେଷ ହୋଇ ରଥଖଳାରେ ସାଇତା ଯାଇଛି। ଏଥିସହ ପାର୍ଶ୍ୱ ଦଣ୍ଡାଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାଞ୍ଚଦଣ୍ଡାର ଉଭୟ ପାର୍ଶ୍ୱରେ କୁତୁକା ଦ୍ୱାରା ସଂଯୋଗ ହେବ ପାର୍ଶ୍ୱ ଦଣ୍ଡା। ଦର୍ପଦଳନ ରଥର ପାଞ୍ଚଦଣ୍ଡା ସହ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ ଦଣ୍ଡାକୁ ମିଶାଇ ୭ଟି ଦଣ୍ଡା ଲାଗୁଥିବାବେଳେ ତଳଧ୍ୱଜା ରଥ ଏବଂ ନନ୍ଦିଘୋଷ ରଥର ପାଞ୍ଚଦଣ୍ଡା ସହ ଉଭୟ ପଟରେ ଦୁଇଟି ଲେଖାଏଁ ପାର୍ଶ୍ୱ ଦଣ୍ଡାକୁ ମିଶାଇ ମୋଟ୍ ୯ଟି ଲେଖାଏଁ ଦଣ୍ଡା ସଂଯୋଗ ହୋଇ ଫ୍ରେମ୍ ପ୍ରସ୍ତୁତ ହେବ। ସେହିପରି ରୂପକାର ସେବକମାନେ ତିନିରଥର ୩୩ଟି ସାଲ ଗୁଜର ରୂପ ଖୋଦେଇ ସହ ସେଥିରେ ଅଳଙ୍କାର ପକା ଓ ପଲିସ୍ ସାରିଛନ୍ତି। ପ୍ରତି ରଥର ୮ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଶେଷ କରି ସେଥିରେ ଅଳଙ୍କାର ପକା ଓ ପଲିସ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳର ଚିରଟ କାର୍ଯ୍ୟ ଶେଷ କରି ନନ୍ଦିଘୋଷ ରଥ ୪୦ ଫୁଟିଆ ପୋଲ ଗୟଳର ଚିତା କାର୍ଯ୍ୟ ପରେ ଚିରଟ କାର୍ଯ୍ୟ ଶେଷ କରି ବୁଧବାର ଦର୍ପଦଳନ ରଥ ୪୦ ଫୁଟିଆ ପୋଲ ଗୟଳର ଚିରଟ କାର୍ଯ୍ୟ ପୂର୍ବରୁ ଉଭୟ ପାର୍ଶ୍ୱକୁ ବାରିସିରେ ହାଣି ସମତଳ ବା ଚିତା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଦଣ୍ଡା କଣ୍ଟା ସହ ଗରଗରା କଣ୍ଟା ନିର୍ମାଣ ଶେଷ କରି ୧୬ ଏମ୍ଏମ୍ ସାଇଜର ଛନ୍ଦା ଗୟଳ କଣ୍ଟା ଏବଂ ବଡ଼ ଥଳ ଗୟଳ କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କୁରୁମ ପିଢ଼ା, ସୁଦ୍ଧା ସୁଆର ପିଢ଼ା, ବନକ ପିଢ଼ା, ରୁଖା, ଭେଟ ବାକ୍ସ ପାଇଁ ଟେବୁଲ୍ ଷ୍ଟାଣ୍ଡ କାଠ ନିର୍ମିତ ସରଞ୍ଜାମ ମାନ ତିଆରି କରୁଛନ୍ତି।




## ୧୫୦୦ ଟଙ୍କା ପାଇଁ ରକ୍ତାକ୍ତ ଆକ୍ରମଣ
### ● ସେଲୁନ୍ ଦୋକାନୀ ଗିରଫ

**ପୁରୀ,୨୭।୫(ସମିସ):** ମାତ୍ର ୧୫୦୦ ଟଙ୍କା ବାକି ମାଗିବାରୁ ଜଣେ ବୃଦ୍ଧଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଘଟଣାରେ କୁମ୍ଭାରପଡ଼ା ପୁଲିସ ଜଣେ ସେଲୁନ୍ ଦୋକାନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗକାରୀ ଗଜପତିନଗରର ରାଜ କିଶୋର ସାହୁ (୬୪)ଙ୍କର ରେଡ୍‌କ୍ରସ ରୋଡ୍ ମାଛ ବଜାର ନିକଟରେ ପାନ ଦୋକାନ ଥିଲା, ଯାହା ମ୍ୟୁନିସିପାଲିଟି ଉଚ୍ଛେଦ କରିଦେଇଛି। ପଡ଼ୋଶୀ ସେଲୁନ୍ ଦୋକାନୀ ସୁଦର୍ଶନ ବାରିକ (୬୫)ଙ୍କ ପାଖରେ ତାଙ୍କର ୧୫୦୦ ଟଙ୍କା ବାକି ଥିଲା। ଗତ ୨୬ ତାରିଖ ରାତି ୧୦ଟାରେ ରାଜକିଶୋର ବାକି ଟଙ୍କା ମାଗିବାରୁ ସୁଦର୍ଶନ ତାଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଧାରୁଆ ଅସ୍ତ୍ରରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ରାଜ କିଶୋରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ମଧ୍ୟ ସୁଦର୍ଶନ ଧମକ ଦେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରେ ରାଜକିଶୋର ବୁଧବାର କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୨୭୮/୨୬) ରୁଜୁ କରି ଅଭିଯୁକ୍ତ ସୁଦର୍ଶନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ● ଝାଟିମାଟି ଘରେ ଜଳିଲା ସଫଳତାର ଦୀପ
# ଅବଢ଼ା ପରଷାଙ୍କ ପୁଅ ଏବେ ଓଏଏସ୍ ଅଫିସର

**ପୁରୀ,୨୭।୫(ସମିସ):** ପୁରୀ ସଦର ବ୍ଲକ୍ ବାସୁଦେବପୁର ନିକଟ ଚମାରକେରା ଗାଁ। ସେହି ଗାଁର ଏକ ଅଭାବୀ ଘରେ ଜଳିଛି ସଫଳତାର ଦୀପ। ଦୈନିକ ୫୦୦-୬୦୦ ଟଙ୍କା ପାଇଁ ଅବଢ଼ା ପରଷୁଥିବା ହରିହର ସାହୁଙ୍କ ପୁଅ ସୌମ୍ୟରଞ୍ଜନ ଏବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ। ସୌମ୍ୟରଞ୍ଜନଙ୍କ ଏହି ସଫଳତା ପଛରେ ରହିଛି ଲମ୍ବା ସଂଘର୍ଷ। ହରିହର ଓ ମାଆ ଟୁନିଙ୍କ ପାଇଁ ପେଟ ପୋଷିବା ଯେତିକି କଷ୍ଟ, ପୁଅକୁ ପାଠ ପଢ଼ାଇବା ଥିଲା ସେତିକି ଜିଦ୍। ଅଭାବ ଥିଲା, କିନ୍ତୁ ସ୍ୱପ୍ନର ଅଭାବ ନ ଥିଲା। ବାପାଙ୍କ ଝାଳ ବୁନ୍ଦା ଓ ମାଆଙ୍କ ଆଖିର ଲୁହ ଦେଖି ଦେଖି ବଡ଼ ହୋଇଥିଲେ ସୌମ୍ୟରଞ୍ଜନ। ନିଜକୁ ସେହିଭଳି ଗଢ଼ି ବାପା-ମାଆଙ୍କ ଦୁଃଖ ଦୂର ପାଇଁ ପାଠପଢ଼ାରେ ସେହିଭଳି ପରିଶ୍ରମ କରୁଥିଲେ। ବାସୁଦେବପୁର କନକଦୁର୍ଗା ହାଇସ୍କୁଲରୁ ମାଟ୍ରିକ୍, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଯୁକ୍ତ ୨ ଓ ଯୁକ୍ତ ୩ ବିଜ୍ଞାନରେ ପାସ୍ କରିଥିଲେ। ଲକ୍ଷ୍ୟ ଥିଲା ଆଇଏଏସ୍ ହେବେ। ୨୦୨୨ରୁ ୨୦୨୫ ୟୁପିଏସ୍‌ସି ପରୀକ୍ଷା ଦେଇଥିଲେ ମଧ୍ୟ ସଫଳତା ପାଇ ନ ଥିଲେ। ହେଲେ ନିଜ ଲକ୍ଷ୍ୟ ହାସଲରୁ ବିଚ୍ୟୁତ୍ ହୋଇ ନ ଥିଲେ। ପ୍ରଥମ ପ୍ରୟାସରେ ଓଏଏସ୍ ପରୀକ୍ଷା ଦେଇ ୧୦୫ ରାଙ୍କ୍ ସହ ବାଜି ମାରିନେଇଛନ୍ତି ସୌମ୍ୟରଞ୍ଜନ। ତାଙ୍କ ସଫଳତାରେ କେବଳ ପରିବାର ନୁହେଁ ଗାଁ ଲୋକେ ବି ଖୁସି ହୋଇଛନ୍ତି। ଯେଉଁ ଝାଟିମାଟି ଘରକୁ ଅଭାବର ପ୍ରତୀକ ବୋଲି କୁହାଯାଉଥିଲା, ଆଜି ସେଇ ଘର ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ସୌମ୍ୟରଞ୍ଜନ ପ୍ରମାଣ କରି ଦେଇଛନ୍ତି 'ପରିସ୍ଥିତି ଯେତେ କଠିନ ହେଉ, ଇଚ୍ଛାଶକ୍ତି ଆଗରେ ସବୁ ହାର୍ ମାନେ'। ଆଉ ସୌମ୍ୟରଞ୍ଜନଙ୍କ ପାଇଁ ଏହା କେବଳ ଚାକିରି ନୁହେଁ, ବାପା-ମାଆଙ୍କ ବର୍ଷ ବର୍ଷର ତପସ୍ୟାର ପୁରସ୍କାର।



ଏହି ସଫଳତାକୁ ନେଇ ସୌମ୍ୟରଞ୍ଜନ କହିଛନ୍ତି, ଯେଉଁମାନେ ୟୁପିଏସ୍‌ସି କିମ୍ବା ଓପିଏସ୍‌ସି ପାଇଁ ପ୍ରସ୍ତୁତ ହେଉଛନ୍ତି ସେମାନେ ସୋସିଆଲ ମିଡିଆଠାରୁ ଯଥାସମ୍ଭବ ଦୂରେଇ ରହିବା ଦରକାର। ବେଳେବେଳେ ସୋସିଆଲ ମିଡିଆ ଲକ୍ଷ୍ୟଚ୍ୟୁତ କରିଦେଇପାରେ। ଭଗବାନଙ୍କ ଉପରେ ଭରସା ରଖି ନିରନ୍ତର ଉଦ୍ୟମ ଜାରି ରଖିଲେ ନିଶ୍ଚିତ ସଫଳତା ମିଳିବ ବୋଲି କହିଛନ୍ତି ସୌମ୍ୟରଞ୍ଜନ।

## ପୁଲିସର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ
# ଆଇନଶୃଙ୍ଖଳା, ରଥଯାତ୍ରା ସୁରକ୍ଷା ଉପରେ ଗୁରୁତ୍ୱ

**ପୁରୀ,୨୭।୫(ସମିସ):** ପୁରୀ ପୁଲିସ କାର୍ଯ୍ୟାଳୟରେ ବୁଧବାର ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ ଓ ମିସ୍ ଅନଖା କେ. ବିଜୟଙ୍କ ସମେତ ସମସ୍ତ ଡିଏସ୍‌ପି, ଥାନା ଅଧିକାରୀ ଓ ଫାଣ୍ଡି ଅଧିକାରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ରକ୍ଷା ଏବଂ ରଥଯାତ୍ରା ସୁରକ୍ଷା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା।



ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା, ବିଭିନ୍ନ ଅପରାଧିକ ମାମଲାର ତ୍ୱରିତ ତଦନ୍ତ ଓ ସମାଧାନ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ପୁଲିସର କାର୍ଯ୍ୟକଳାପକୁ ଆହୁରି ବିଶ୍ୱାସଯୋଗ୍ୟ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏସ୍‌ପି ଶ୍ରୀ ସିଂ ଉପସ୍ଥିତ ଅଧିକାରୀମାନଙ୍କୁ କେସ୍‌ଗୁଡ଼ିକର ନିୟମିତ ଓ ପ୍ରଭାବଶାଳୀ ମନିଟରିଂ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଯେଉଁ କେସ୍‌ଗୁଡ଼ିକ ଦୀର୍ଘଦିନ ଧରି ଅଛି, ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ତଦନ୍ତରେ ପ୍ରଯୁକ୍ତିର ବ୍ୟବହାର, ସାଇବର ସମ୍ବନ୍ଧୀୟ ଅପରାଧ ଉପରେ ସଚେତନତା, ମହିଳା ଏବଂ ବୃଦ୍ଧଙ୍କ ସୁରକ୍ଷା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳରେ ଦୀର୍ଘଦିନ ଧରି ଚାଲୁଥିବା ଜମିଜମା, ପାରିବାରିକ ବିବାଦ ଓ ଅନ୍ୟାନ୍ୟ ସାମାଜିକ ଦ୍ୱନ୍ଦ୍ୱ କିପରି ଶାନ୍ତିପୂର୍ଣ୍ଣ ଓ ଆଇନସମ୍ମତ ଭାବେ ସମାଧାନ କରାଯାଇପାରିବ, ସେଥିପାଇଁ ସମସ୍ତ ଥାନାସ୍ତରରେ ନିୟମିତ ଶାନ୍ତି କମିଟି ବୈଠକ କରିବାକୁ ପରାମର୍ଶ ଦିଆଯାଇଥିଲା। ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା ଉପରେ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା। ଶ୍ରୀମନ୍ଦିର, ବଡ଼ଦାଣ୍ଡ ଓ ସମୁଦ୍ର ବେଳାଭୂମିରେ ଅତିରିକ୍ତ ପାଟ୍ରୋଲିଂ, କ୍ୟୁଆର୍‌ଟି, ସହାୟତା କେନ୍ଦ୍ର ବ୍ୟବସ୍ଥା କରିବାକୁ ଯୋଜନା ହୋଇଥିଲା। ଏସ୍‌ପି ଶ୍ରୀ ସିଂ ସମସ୍ତ ଅଧିକାରୀଙ୍କୁ ଲୋକଙ୍କ ସହ ସମ୍ବେଦନଶୀଳ ସମ୍ପର୍କ ରଖି ପୁଲିସ ଉପରେ ବିଶ୍ୱାସ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ।

## ଦୁବାଇରେ ଝଲସିଲା ଓଡ଼ିଶୀ
# ବିବେକ ମହାନ୍ତିଙ୍କ ନୃତ୍ୟରେ ମୁଗ୍ଧ ପ୍ରବାସୀ ଓ ବିଦେଶୀ




**ପୁରୀ,୨୭।୫(ସମିସ):** ବିଦେଶ ମାଟିରେ ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ 'ଦୁବାଇ ଓଡ଼ିଆ ସମାଜ' ପକ୍ଷରୁ ଆୟୋଜିତ ହୋଇଥିଲା 'ଉତ୍ସବ-୨୦୨୬'। ଓଡ଼ିଆ ମାଟି, ସଂସ୍କୃତି, ପରମ୍ପରା ଓ ଖାଦ୍ୟକୁ ସମ୍ମାନ ଦେବା ସହ ବିଶ୍ୱ ଭାଇଚାରାର ବାର୍ତ୍ତା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ପରିବେଷିତ ହୋଇଥିଲା। ତେବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଶ୍ରୀକ୍ଷେତ୍ର ପୁରୀର ଯୁବ ନୃତ୍ୟଶିଳ୍ପୀ ତଥା ନୃତ୍ୟଗୁରୁ ବିବେକ ମହାନ୍ତିଙ୍କ ଓଡ଼ିଶୀ ନୃତ୍ୟ। ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ବନ୍ଦନାରେ ସେ ଯେଉଁ ନୃତ୍ୟାଭିନୟ ପରିବେଷଣ କରିଥିଲେ, ତାହା ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲା। ତାଙ୍କ ଲାସ୍ୟ, ଭଙ୍ଗିମା, ଅଭିନୟ ଓ ଶୁଦ୍ଧ ଓଡ଼ିଶୀ ଶୈଳୀ ଉପସ୍ଥିତ ପ୍ରବାସୀ ଓଡ଼ିଆଙ୍କ ସହ ବିଦେଶୀ ଅତିଥିଙ୍କୁ ମଧ୍ୟ ମୁଗ୍ଧ କରିଥିଲା। ନୃତ୍ୟ ଶେଷରେ ସଭାଗୃହ କରତାଳିରେ ପ୍ରକମ୍ପିତ ହୋଇଉଠିଥିଲା। ଆୟୋଜକ 'ଦୁବାଇ ଓଡ଼ିଆ ସମାଜ' କହିଛି, 'ବିବେକଙ୍କ ନୃତ୍ୟ ମାଧ୍ୟମରେ ଆମେ ବିଦେଶ ମାଟିରେ ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ସଂସ୍କୃତିକୁ ଜୀବନ୍ତ କରିପାରିଲୁ। ଏହା କେବଳ ମନୋରଞ୍ଜନ ନୁହେଁ, ଆମ ପରମ୍ପରାର ଗୌରବ।

# ପୁରାତନ ଛାତ୍ରଙ୍କ ସେବାଶ୍ରମ ପରିଦର୍ଶନ

**ପୁରୀ,୨୭।୫(ସମିସ):** ଭୋଳାନାଥ ବିଦ୍ୟାପୀଠ ଫ୍ରେଣ୍ଡସ ୧୯୮୬ ମାଟ୍ରିକ୍ ବ୍ୟାଚ୍ ପକ୍ଷରୁ ଆୟୋଜିତ ବିଭିନ୍ନ ସାମାଜିକ ଜନକଲ୍ୟାଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗତ ରବିବାର ବାଲିଗୁଆଳିସ୍ଥିତ ଜ୍ୟୋତିପ୍ରଭା ସେବାଶ୍ରମ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ଅନ୍ତେବାସୀମାନଙ୍କ ସହ ଭାବବିନିମୟ କରିଥିଲେ। ଜରାଶ୍ରମରେ ଥିବା ବୃଦ୍ଧବୃଦ୍ଧାମାନଙ୍କ ସାମାଜିକ, ପାରିବାରିକ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଫଳ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହିଭଳି ଜନହିତକର କାର୍ଯ୍ୟକ୍ରମ କରାଯିବ ବୋଲି ବ୍ୟାଚ୍ ବନ୍ଧୁମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରମୋଦ କୁମାର ସାହୁ ଏବଂ ଦେବେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାଚ୍‌ର ପୁରାତନ ଛାତ୍ର ସାମିଲ୍ ହୋଇଥିଲେ।

# ଶ୍ରୀମନ୍ଦିରରେ ଜଳକ୍ରୀଡ଼ା

**ପୁରୀ,୨୭।୫(ସମିସ):** ଏକାଦଶୀରେ ଶ୍ରୀମନ୍ଦିରରେ ବୁଧବାର ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ପବିତ୍ର ଜଳକୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ଚତୁର୍ଥ ଜଳକ୍ରୀଡ଼ା।

## ପ୍ରତିବାଦ ପଦଯାତ୍ରା ଜାରି
# କେବେ ମିଳିବ ପୁରୀବାସୀଙ୍କୁ ଦର୍ଶନ ସୁବିଧା?

**ପୁରୀ,୨୭।୫(ସମିସ):** ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିବା ମଧ୍ୟ ସରକାର କି ଜିଲ୍ଲା ପ୍ରଶାସନ କେହି ବି ଶୁଣୁନାହାନ୍ତି। ହେଲେ ପୁରୀବାସୀ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ବୁଧବାର ୫୭ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ପ୍ରତ୍ୟେକଙ୍କ ମୁହଁରେ ଗୋଟିଏ ପ୍ରାର୍ଥନା ପ୍ରଭୁ ଆମକୁ ଆମ ଅଧିକାର ଫେରେଇ ଦିଅ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୂର୍ଯ୍ୟ ନାରାୟଣ ରଥ, ସୁକାନ୍ତ ପଣ୍ଡା, ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ସରସ୍ୱତୀ ପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ମମତା ସ୍ୱାଇଁ, ମୀନାକ୍ଷୀ ଦାସ, ନିହାରିକା ତ୍ରିପାଠୀ, ପ୍ରଣତି ରାୟ, ସନ୍ତୋଷ ସେନାପତି, ମନୋରଞ୍ଜନ ରଣସିଂହ, ବିଶ୍ୱନାଥ ମିଶ୍ର, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, ରାଜା ମହାନ୍ତି, ଯାଦବାନନ୍ଦ ରାୟ, କାହ୍ନୁ ଚରଣ ପ୍ରଧାନ, କିଶୋର ଚନ୍ଦ୍ର ଦାସ, ଶିବ ସୁନ୍ଦର ମିଶ୍ର, ନିରଞ୍ଜନ ଶାସମଲ, ଜଗନ୍ନାଥ ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ଦୀନେଶ ମହାନ୍ତି, ଶୁଭଶ୍ରୀ ମହାରଣା, ରିତିକା ପ୍ରଧାନ, ଆଦ୍ୟାସା ମହଲ, ରୁବି ମଲ୍ଲିକ, ନେହା ବେହେରା, ସିମ୍ରନ ସାହୁ, ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ୍ ଥିଲେ।



## ଆଗଭଳି ଶ୍ରୀମନ୍ଦିରକୁ ଯାଇପାରୁ ନ ଥିବା ବରିଷ୍ଠ ନାଗରିକଙ୍କ କ୍ଷୋଭ
# 'ମୋ ଜଗୁନା ଯାହା ବୁଝିବ'

**ପୁରୀ,୨୭।୫(ସମିସ):** ବୟସ ୬୫। ମୁହଁରେ ବାର୍ଦ୍ଧକ୍ୟର ରେଖା, ଆଖିରେ କିନ୍ତୁ ଅଟଳ ଭକ୍ତି। ଦୋଳମଣ୍ଡପ ସାହିର ବିଜୟଲକ୍ଷ୍ମୀ ମିଶ୍ର। ଜୀବନର ଶେଷ ପାହାଚରେ ପହଞ୍ଚି ସେ ଚାହୁଁଥିଲେ କେବଳ ଗୋଟିଏ କଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା। ଦୀର୍ଘ ୩୫ ବର୍ଷ ଧରି କୋଇଲି ବୈକୁଣ୍ଠ ଫୁଲଘରେ ଅବୈତନିକ ଭାବେ ସେ ମହାପ୍ରଭୁଙ୍କ ଫୁଲ ତୁଳସୀ ସଜାଡ଼ି ଆସୁଥିଲେ। ଟଙ୍କାଟିଏ ବି ନ ନେଇ, କେବଳ 'ଜଗାର ସେବା' ବୋଲି ନିଜକୁ ଧନ୍ୟ ମଣୁଥିଲେ। କିନ୍ତୁ ଆଜି ସେହି ଜଗାଙ୍କ ଦୁଆର ତାଙ୍କ ପାଇଁ ବନ୍ଦ। ଗୋଡ଼ରେ ଆଉ ସେମିତି ଜୁ ନାହିଁ ଯେ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହୋଇ ମନ୍ଦିରକୁ ପ୍ରବେଶ କରିବେ। ସିଂହଦ୍ୱାରକୁ ଗଲେ ସୁରକ୍ଷା କର୍ମୀ ଉତ୍ତର ଦ୍ୱାରକୁ ଦେଖାନ୍ତି, ଉତ୍ତର ଦ୍ୱାରରେ ଦକ୍ଷିଣକୁ ଠେଲନ୍ତି, ଦକ୍ଷିଣ ଦ୍ୱାର ପଶ୍ଚିମକୁ ପଠାଏ। ଏମିତି ଚାରି ଦ୍ୱାର ବୁଲି ବୁଲି ଶେଷରେ କ୍ଲାନ୍ତ ହୋଇ ଘରକୁ ଫେରିଆସନ୍ତି ବିଜୟଲକ୍ଷ୍ମୀ। 'ମୁଁ କ'ଣ ଦର୍ଶନ କରିବାକୁ ଯାଉଛି? ମୁଁ ତ ପ୍ରଭୁଙ୍କ ଛୋଟିଆ ସେବାଟିଏ କରିବାକୁ ଯାଉଥିଲି। ଫୁଲ ଟିକେ ଗୁନ୍ଥି ଦେଲେ, ତୁଳସୀ ପତ୍ର ସଜାଡ଼ିଦେଲେ ମନକୁ ଶାନ୍ତି ମିଳୁଥିଲା। ଏବେ ସେତିକି ବି ମୋ ଭାଗ୍ୟରେ ନାହିଁ' ବୋଲି କୋହଭରା କଣ୍ଠରେ କୁହନ୍ତି ବିଜୟଲକ୍ଷ୍ମୀ। ଦେଢ଼ବର୍ଷ ହେଲା ସେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାର ଦ୍ୱାର ବୁଲୁଛନ୍ତି। ବରିଷ୍ଠ ନାଗରିକ କାର୍ଡ ଦେଖାଇଲେ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ଜଣେ ଅବୈତନିକ ସେବିକା ଭାବେ ତାଙ୍କୁ ଗୋଟିଏ ପାସ୍ ଖଣ୍ଡିଏ ମିଳିଲା ନାହିଁ। ସେବାୟତ ହୁଅନ୍ତୁ ବା ପୁଲିସ ସମସ୍ତଙ୍କ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଛନ୍ତି ଏହି ବୃଦ୍ଧା। ଯେଉଁଠି ଯାହା କହିବା କଥା କହିଲି, ଆଉ କାହାକୁ କହିବି? ଥକିଗଲିଣି। ଏବେ ହାତ ଟେକିଦେଇ 'ମୋ ଜଗୁନା ଯାହା ବୁଝିବ' କହି ଆଖି ପୋଛି ଦିଅନ୍ତି ବିଜୟଲକ୍ଷ୍ମୀ। ଏହି ପଦଟିକ ତାଙ୍କର କ୍ଷୋଭ ନୁହେଁ, ଅସହାୟତାର ଶେଷ ସମର୍ପଣ।

ତେବେ ଏଠି ପ୍ରଶ୍ନ ଉଠୁଛି ୩୫ ବର୍ଷ ଧରି ବିନା ପାରିଶ୍ରମିକରେ ସେବା କରିଥିବା ଜଣେ ବରିଷ୍ଠ ନାଗରିକଙ୍କ ପାଇଁ କ'ଣ ପ୍ରଶାସନ ପାଖରେ ଖଣ୍ଡିଏ ପାସ୍‌ର ବ୍ୟବସ୍ଥା ନାହିଁ? 'ବରିଷ୍ଠ ନାଗରିକ' କାର୍ଡ ଯଦି ଶ୍ରୀମନ୍ଦିରରେ କାମକୁ ନ ଆସେ, ତେବେ ଏହାର ମୂଲ୍ୟ କ'ଣ? ଶ୍ରୀକ୍ଷେତ୍ରରେ ବିଜୟଲକ୍ଷ୍ମୀଙ୍କ ଭଳି ଆହୁରି ଅନେକ ବରିଷ୍ଠ ସେବକ ସେବିକା ଅଛନ୍ତି, ଯେଉଁମାନେ ବୟସର ଅପରାହ୍ନରେ ବି ମନ ଭିତରେ ଜଗାଙ୍କୁ ଧରି ବଞ୍ଚିଛନ୍ତି। ପ୍ରଶାସନର ଟିକିଏ ସହାନୁଭୂତି ସେମାନଙ୍କ ଶେଷ ଜୀବନକୁ ଧନ୍ୟ କରିପାରନ୍ତା।

